# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-


ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVII | YEAR OF OUR LORD JESUS CHRIST, 2025 JUNE | No.04

## ପବିତ୍ର ବାଇବଲ

**(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)**

(ଗୀତସଂହିତା ୨୭:୧–୬)

୧ ସଦାପ୍ରଭୁ ମୋହର ଦୀପ୍ତି ଓ ମୋହର ପରିତ୍ରାଣ; ମୁଁ କାହାକୁ ଭୟ କରିବି ? ସଦାପ୍ରଭୁ ମୋ' ଜୀବନର ବଳ; ମୁଁ କାହାଠାରୁ ଭୀତ ହେବି ?

୨ ଦୁଷ୍କର୍ମକାରୀଗଣ ମୋହର ମାଂସ ଗ୍ରାସ କରିବା ପାଇଁ ମୋତେ ଆକ୍ରମଣ କରିବା ବେଳେ ମୋହର ସେହି ବିପକ୍ଷ ଓ ଶତ୍ରୁମାନେ ଝୁଣ୍ଟି ପତିତ ହେଲେ ।

୩ ସୈନ୍ୟଦଳ ମୋ' ବିରୁଦ୍ଧରେ ଛାଉଣି କଲେ ହେଁ ମୋହର ଅନ୍ତଃକରଣ ଭୟ କରିବ ନାହିଁ; ଯେବେ ଯୁଦ୍ଧ ମୋ' ବିରୁଦ୍ଧରେ ଉଠେ, ତେବେ ମଧ୍ୟ ମୁଁ ସାହସିକ ହେବି ।

୪ ମୁଁ ସଦାପ୍ରଭୁଙ୍କ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଓ ତାହାଙ୍କ ମନ୍ଦିରରେ ଅନୁସନ୍ଧାନ କରିବା ପାଇଁ ଯେପରି ଯାବଜ୍ଜୀବନ ସଦାପ୍ରଭୁଙ୍କ ଗୃହରେ ବାସ କରିବି, ଏହି ଏକ ବିଷୟ ମୁଁ ସଦାପ୍ରଭୁଙ୍କ ନିକଟରେ ମାଗିଅଛି, ତାହା ହିଁ ମୁଁ ଅନ୍ୱେଷଣ କରିବି ।

୫ କାରଣ ବିପଦ ଦିନରେ ସେ ଆପଣା ଆବାସରେ ମୋତେ ଗୋପନ କରି ରଖିବେ; ସେ ଆପଣା ତମ୍ବୁର ଅନ୍ତରାଳରେ ମୋତେ ଲୁଚାଇବେ; ସେ ମୋତେ ଶୈଳ ଉପରକୁ ଉଠାଇବେ ।

୬ ଏଣୁ ଏବେ ମୋ' ଚତୁର୍ଦ୍ଦିଗସ୍ଥିତ ଶତ୍ରୁଗଣ ଉପରେ ମୋହର ମସ୍ତକ ଉନ୍ନତ ହେବ; ଆଉ, ମୁଁ ତାହାଙ୍କ ତମ୍ବୁରେ ଜୟଧ୍ୱନିର ବଳି ଉତ୍ସର୍ଗ କରିବି; ମୁଁ ଗାନ କରିବି, ମୁଁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଶଂସା ଗାନ କରିବି ।

# ଆପଣ ଆପଣଙ୍କର ସନ୍ତାନମାନଙ୍କ ପାଇଁ କୌଣସି ଉତ୍ତରାଧିକାର ଛାଡୁଛନ୍ତି କି ?

## ARE YOU LEAVING A LEGACY TO YOUR CHILDREN?

ଭଉଣୀ ଏଞ୍ଜେଲ୍



ଆମର ପ୍ରିୟ **"ଆହ୍ୱାନର ପ୍ରତିଧ୍ୱନି"** ପରିବାରର ସମସ୍ତ ସଦସ୍ୟଙ୍କୁ ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅଭିବାଦନ ।

ଆମେ ଯେ ୨୦୨୫ର ପାଖାପାଖି ୬ ମାସ ସଂପୂର୍ଣ୍ଣ କରିସାରିଛୁ, ଏହା ସହଜରେ ବିଶ୍ୱାସ ହେଉ ନାହିଁ । ଏପରି ମନେ ହେଉଛି ଯେପରି ବର୍ଷଟି ଏବେ ଏବେ ଆରମ୍ଭ ହୋଇଛି, ଅଥଚ ଆମେ ଏହାର ଦ୍ୱିତୀୟ ଭାଗରେ ପ୍ରବେଶ କରିସାରିଲୁଣି । ଏହା ହବକ୍‌କୂକ ୩:୨କୁ ସ୍ମରଣ କରାଇ ଦିଏ : **"...ବର୍ଷମାନର ମଧ୍ୟରେ ଆପଣା କର୍ମ ସଜୀବ କର ...।"** ପ୍ରଭୁ ଯେପରି ଆପଣଙ୍କୁ, ଆପଣଙ୍କ ପରିବାରକୁ, ଆପଣଙ୍କ ସେବାକାର୍ଯ୍ୟକୁ, ଆପଣଙ୍କର ବ୍ୟବସାୟ, ବୃତ୍ତି, କିମ୍ବା ଅଧ୍ୟୟନକୁ ଏହି ବର୍ଷର ଦ୍ୱିତୀୟାର୍ଦ୍ଧରେ ତାଙ୍କର ସ୍ୱର୍ଗୀୟ ଦୟା ଓ କରୁଣା ଦ୍ୱାରା ପୁନଃ ସଜୀବ କରିବେ, ଏଥିପାଇଁ ମୁଁ ପ୍ରାର୍ଥନା କରୁଅଛି ।

ଲୂକ ୧୫ ଅଧ୍ୟାୟ ଧର୍ମଶାସ୍ତ୍ରର ଏକ ଅତି ପରିଚିତ ଅନୁଚ୍ଛେଦ ଅଟେ । ଗତମାସ, ମୁଁ ଏପରି ଗୋଟିଏ ହଜା ମେଷ ବିଷୟରେ ଲେଖିଥିଲି, ଯାହାକୁ ଖୋଜିବା ପାଇଁ ମେଷପାଳକ ୯୯ ମେଷଙ୍କୁ ଛାଡ଼ି ଯାଇଥିଲା । ସମଗ୍ର ଅଧ୍ୟାୟଟିକୁ ୯୯:୯–୧ ଭାବରେ ସଂକ୍ଷିପ୍ତ କରାଯାଇ ପାରିଥିଲା – ଅବଶିଷ୍ଟ ୯୯ ମେଷ, ହଜି ନ ଥିବା ୯ଟି ମୁଦ୍ରା

(ଅବଶିଷ୍ଟାଂଶ ୩ର୍ଥ ପୃଷ୍ଠାରେ)




**ଆହ୍ୱାନର ପ୍ରତିଧ୍ୱନିର**

*ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !*

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

**ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ**


ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

*** Please Subscribe and Share ***

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF

Rev. Angeline S. Kumari, M.A., M.Sc., M.Ed.

EX MANAGING EDITOR

Pastor Alex Samson Sam, B.Th., M.Div.

GENERAL MANAGER

Bro. N. Prakasam, M.A., M.Sc.(C&P), PGDHRM, MBA.

ADMINISTRATION

Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)

EDITORIAL BOARD

Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.

EDITOR, PUBLISHER & PRINTER

Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858

E.MAIL

sam@echoofhiscall.org
biblecor@yahoo.co.in

WEBSITES

www.echoofhiscall.org
www.stpaulsmatriculation.org

YOUTUBE CHANNEL

Echo of His Call

"ଆକାଶ ଓ ପୃଥିବୀର ନିର୍ମାଣକର୍ତ୍ତା ସଦାପ୍ରଭୁଙ୍କ ନାମରେ ଆମ୍ଭମାନଙ୍କର ସାହାଯ୍ୟ ଥାଏ" (ଗୀତସଂହିତା ୧୨୪:୮) ।

### ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କ ପ୍ରତି ଅନୁଗ୍ରହ, ଶାନ୍ତି ଓ ସମସ୍ତ ମଙ୍ଗଳଦାନ ଆସୁ ।

ଆମେ ଜଣେ ଉତ୍ତମ ଓ ବିଶ୍ୱସ୍ତ ଈଶ୍ୱରଙ୍କ ସେବା କରୁଅଛୁ ଓ ଆମେ ସେହି ପଥ ନିମନ୍ତେ କୃତଜ୍ଞ ଅଟୁ ଯେଉଁ ପଥରେ ସେ ଆମକୁ କଢ଼ାଇ ନେଉଛନ୍ତି । ଆମେ ଆମର ସେହି ସମସ୍ତ ସମର୍ପିତ ସହକର୍ମୀ ଓ ସାଥୀମାନଙ୍କ ନିମନ୍ତେ ପ୍ରଭୁଙ୍କୁ ଆନ୍ତରିକ ଧନ୍ୟବାଦ ଓ ପ୍ରଶଂସା ଜଣାଉଅଛୁ ଯେଉଁମାନେ ଆହ୍ୱାନମୂଳକ ଓ କଷ୍ଟକର ସମୟରେ ସୁଦ୍ଧା ଆମ ସହିତ ବିଶ୍ୱସ୍ତ ଭାବେ ଯାତ୍ରା କରୁଛନ୍ତି । ଆପଣମାନଙ୍କର ନିରବଚ୍ଛିନ୍ନ ପ୍ରାର୍ଥନାକୁ ବହୁଭାବରେ ପ୍ରଶଂସା କରୁଅଛୁ ।

ଆମେ ଏପ୍ରିଲ ଓ ମଇ ମାସରେ ବିଭିନ୍ନ ସ୍ଥାନରେ ପିଲାମାନଙ୍କ ନିମନ୍ତେ ଅନୁଷ୍ଠିତ ହୋଇଥିବା ଆମର ଛୁଟୀ ଦିବସୀୟ ବାଇବଲ ସ୍କୁଲ (ଭିବିଏସ୍) ଉପରେ ପ୍ରଚୁର ଆଶୀର୍ବାଦ କରିଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛୁ ।



ସନ୍ତୋଷପୁରମ୍‌ଠାରେ ଛୁଟୀ ଦିବସୀୟ ବାଇବଲ ସ୍କୁଲ

ଏହି କାର୍ଯ୍ୟକ୍ରମକୁ ଏକ ବଡ଼ ସଫଳତାରେ ପରିଣତ କରିବାରେ ଆମର ସମସ୍ତ ସହକର୍ମୀ, ଖ୍ରୀଷ୍ଟରେ ଭାଇ ଓ ଭଉଣୀମାନଙ୍କର ଅକ୍ଳାନ୍ତ ଚେଷ୍ଟା ନିମନ୍ତେ ସେମାନଙ୍କ ପ୍ରତି ଆମେ ଆନ୍ତରିକ କୃତଜ୍ଞତା ଜଣାଉଅଛୁ । ପ୍ରଭୁ ଆପଣମାନଙ୍କ ପ୍ରାର୍ଥନା, ଦାନ ଓ ସ୍ୱାର୍ଥତ୍ୟାଗ ପାଇଁ ଆପଣମାନଙ୍କୁ ବହୁଳ ପୁରସ୍କାର ଦିଅନ୍ତୁ ।



ନିହିମିୟା ବାଇବଲ କଲେଜର ଅଧ୍ୟାପକମାନଙ୍କର ସଭା

୨୦୨୫ ଏପ୍ରିଲ ୨୧ ତାରିଖରେ ଆଗାମୀ ୨୦୨୫-୨୦୨୬ ଶିକ୍ଷା ବର୍ଷ ନିମନ୍ତେ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିବା ପାଇଁ ନିହିମିୟା ବାଇବଲ କଲେଜର ଅଧ୍ୟାପକମାନଙ୍କ ସଭା ଅନୁଷ୍ଠିତ ହୋଇଥିଲା । ଈଶ୍ୱରଙ୍କ

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

*ଅନୁଗ୍ରହ ଦ୍ୱାରା, **ଆମର ଉଭୟ ନିହିମିୟା ବାଇବଲ କଲେଜ ଓ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ ପାଠ ପଢ଼ା ଆରମ୍ଭ ହୋଇଯାଇଛି ।** ଆମେ ଶିକ୍ଷାଦାନ ସେବାକାର୍ଯ୍ୟରେ ଅନ୍ତର୍ଭୁକ୍ତ ଥିବା ସମସ୍ତ ଅଧକ୍ଷ, ଶିକ୍ଷକ ଓ ଅଣ-ଶିକ୍ଷକ ଓ ଅନ୍ୟ ସମସ୍ତଙ୍କ ପାଇଁ ଆପଣମାନଙ୍କର ପ୍ରାର୍ଥନା ଅନୁରୋଧ କରୁଅଛୁ ।*

*ଖ୍ରୀଷ୍ଟଙ୍କ ସେବାକାର୍ଯ୍ୟର ସହକର୍ମୀ ଭାବରେ, ଆମେ ଯେପରି ଆମର ସମସ୍ତ ଉଦ୍ୟମରେ ଈଶ୍ୱରଙ୍କ ପ୍ରଚୁର ଅନୁଗ୍ରହ ପାଇବୁ, ଏଥିପାଇଁ ଆପଣମାନଙ୍କର ନିରବଛିନ୍ନ ନିବେଦନ ପ୍ରାର୍ଥନା ଚାହୁଁଅଛୁ । ତାଙ୍କ ସେବାରେ,* **ଆହ୍ୱାନର ପ୍ରତିଧ୍ୱନି ପରିବାର**

E.mail : sam@echoofhiscall.org


## ଜରୁରୀ ଆବଶ୍ୟକ

## ଶିକ୍ଷକଗଣ

**ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସ ସ୍କୁଲ, ‘‘ଆହ୍ୱାନର ପ୍ରତିଧ୍ୱନି’’ର ଏକ ଅନୁଷ୍ଠାନ ବିଜୟନଗରମ୍, ମେଡ଼ାଭକ୍‌କମ, ଚେନ୍ନାଇ - ୧୦୦**

ଆମେ ସୁଯୋଗ୍ୟ, ଅଭିଜ୍ଞ, ସମର୍ପିତ, ପରିଶ୍ରମୀ ଓ ମିଶନ-କୈନ୍ଦ୍ରିକ ଖ୍ରୀଷ୍ଟିଆନ ଆବଶ୍ୟକ କରୁଅଛୁ ।

ବାୟୋଡାଟା ସହିତ ଆବେଦନ କରନ୍ତୁ : ଇ-ମେଲ, ହ୍ୱାଟସ୍‌ଆପ୍

E.mail: sam@echoofhiscall.org
WhatsApp: (+91) 98412 71858




## ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତ୍‌ରେ ‘‘ଆହ୍ୱାନର ପ୍ରତିଧ୍ୱନି’’କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତି ଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ ହ୍ୱାଟସ୍‌ଆପ୍ ମେସେଜ୍ ମାଧମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
10, Mohammed Abdullah 2nd Street, Chepauk, Chennai-600 005, India
Cell: (+91) 98412 71858 / 98410 71858 E.mail: sam@echoofhiscall.org


*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ଓ ନିଜ ପିତାଙ୍କ ପ୍ରେମକୁ ବୁଝିପାରି ନ ଥିବା ଓ ତାଙ୍କ ଗୃହକୁ ପରିତ୍ୟାଗ କରିଥିବା ଗୋଟିଏ (୧) ପୁତ୍ର ।



### *ପିତାଙ୍କ ପ୍ରେମ !*

ଭାରତରେ ଜୁନ୍ ମାସରେ ପିତୃ ଦିବସ ପାଳନ କରାଯାଉଥିବାରୁ, ମୁଁ ସେହି ସମାନ ଅଧାୟରୁ ପିତାଙ୍କ ପ୍ରେମ ଉପରେ ଚିନ୍ତା କରିବା ଅବ୍ୟାହତ ରଖିବା ପାଇଁ ଚାଳନା ଅନୁଭବ କରିଥିଲି ।

ମୁଁ ଏହା ବୁଝିଛି ଯେ ଏହି ବାର୍ତ୍ତାଟି ହୁଏତ ସମସ୍ତଙ୍କୁ ଆକର୍ଷିତ କରି ନ ପାରେ, ବିଶେଷ ଭାବରେ ଯେଉଁମାନେ ଗୋଟିଏ ପିତାଙ୍କ ବିନା ବୃଦ୍ଧି ପାଇଛନ୍ତି, କିମ୍ବା ଯେଉଁ ମାନଙ୍କର ପିତା ସେମାନଙ୍କ ଜୀବନ ଉପରେ ସକାରାତ୍ମକ ପ୍ରଭାବ ପକାଇ ନାହାଁନ୍ତି, ସେମାନେ ଏହି ବାର୍ତ୍ତା ଦ୍ୱାରା ପ୍ରଭାବିତ ହୋଇ ନ ପାରନ୍ତି । ଏହି ପରିସ୍ଥିତିରେ ଥିବା ଆପଣମାନଙ୍କୁ, ମୁଁ ଆନ୍ତରିକ କ୍ଷମା ମାଗୁଅଛି ଓ ଆନ୍ତରିକ ଅନୁକମ୍ପା ପ୍ରଦର୍ଶନ କରୁଅଛି । ଯେଉଁ ମା'ମାନେ ଏକାକୀ ଉଭୟ ପିତାମାତାର ଦାୟିତ୍ୱ ପୂରଣ କରିବା ପାଇଁ ଅବିଶ୍ୱସନୀୟ ଶକ୍ତି ଓ ସ୍ୱାର୍ଥତ୍ୟାଗ ପ୍ରଦର୍ଶନ କରିଛନ୍ତି, ସେମାନଙ୍କ କାର୍ଯ୍ୟକୁ ମୁଁ ସାଦରେ ସ୍ୱୀକାର କରୁଅଛି । ଏହା ଏକ ଅସାଧାରଣ ଭାବରେ ଆହ୍ୱାନମୂଳକ, ଆଉ ଯଦି ଆପଣ ସେହି ପଥରେ ଚାଲୁଛନ୍ତି, ଅର୍ଥାତ୍ ପିତାଙ୍କ ଭୂମିକାରେ କାର୍ଯ୍ୟ କରୁଥିବା ଜଣେ ମହିଳା ଅଟନ୍ତି, ତେବେ ମୁଁ ଆପଣଙ୍କୁ ସମ୍ମାନ ଦେଖାଉଛି ।

ଯେଉଁମାନେ ବାପ୍ତିଜକ ଯୋହନଙ୍କ ପିତା ଯିଖରିୟଙ୍କ ଭଳି ସନ୍ତାନସନ୍ତତିଙ୍କ ନିମନ୍ତେ ଅପେକ୍ଷା ଓ ପ୍ରାର୍ଥନା କରୁଛନ୍ତି, ସେମାନଙ୍କୁ ମଧ ମୁଁ ସମ୍ମାନ ଜଣାଇବାକୁ ଇଚ୍ଛା କରୁଛି । ଯଦିଓ ଏପର୍ଯ୍ୟନ୍ତ ଆପଣଙ୍କର ନିଜର କୌଣସି ସନ୍ତାନ ନାହିଁ, ତଥାପି ଈଶ୍ୱର ଆପଣଙ୍କୁ ଲାଳନପାଳନ କରିବା ପାଇଁ, ତାଲିମ ଦେବା ପାଇଁ, ଖୁସି ହେବା ପାଇଁ ଅନେକ ଆତ୍ମିକ ସନ୍ତାନମାନଙ୍କ ଦ୍ୱାରା ଆଶୀର୍ବାଦ କରିବେ ।

ପ୍ରଥମତଃ, ଥରେ ମୁଁ ପାଇଥିବା ଗୋଟିଏ ଶକ୍ତିପୂର୍ଣ୍ଣ ବିରୋଧ ଯୋଗୁ, ଏହି ସବୁ ବିଷୟ ଜଣାଉଛି । ପିତାଙ୍କ ପ୍ରେମ ଉପରେ ଗୋଟିଏ ଶିକ୍ଷା ପ୍ରଚାର କରିବା ପରେ, ମୋ' ନିକଟକୁ ଜଣେ ଗଭୀରଭାବେ ଆଘାତପ୍ରାପ୍ତ ଓ କ୍ରୁଦ୍ଧା ଯୁବତୀ ଆସିଲେ । ସେ ଈଶ୍ୱରଙ୍କ ପ୍ରେମକୁ ସେତେବେଳେ ବୁଝି ପାରୁ ନ ଥିଲେ, ଯେତେବେଳେ ଏହାକୁ




ଜଣେ ପିତାଙ୍କ ପ୍ରେମ ସହିତ ତୁଳନା କରାଯାଇଥିଲା । କାରଣ ତାଙ୍କର ପାର୍ଥିବ ପିତାଙ୍କ ସହିତ ତାଙ୍କର ଏକ ଯନ୍ତ୍ରଣାପୂର୍ଣ୍ଣ ଅନୁଭୂତି ଥିଲା । ମୋତେ ଆମ ସ୍ୱର୍ଗସ୍ଥ ପିତାଙ୍କ ପ୍ରକୃତ ସ୍ୱଭାବ ବିଷୟରେ ପ୍ରେମର ସହିତ ତାଙ୍କୁ ବୁଝାଇବାକୁ ପଡ଼ିଥିଲା - ଅର୍ଥାତ୍, ସେ କିପରି କୌଣସି ପାର୍ଥିବ ପିତାଙ୍କଠାରୁ ଭିନ୍ନ ଅଟନ୍ତି ଓ କିପରି ତାଙ୍କ ପ୍ରେମ ନିଖୁନ୍ତ, ସୁସ୍ଥକାରୀ ଓ ନିଃସର୍ତ୍ତମୂଳକ ଅଟେ । କେବଳ ସେତେବେଳେ ହିଁ ଈଶ୍ୱରଙ୍କ ପ୍ରେମର ପ୍ରକୃତ ଅର୍ଥ କ'ଣ - ଏହା ସେ ବୁଝିବା ଆରମ୍ଭ କରିଥିଲେ ।

ସମସ୍ତ ସଂସ୍କୃତିରେ, ଜଣେ ପିତାଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବହନ କରିଛି । ତାଙ୍କୁ, ପ୍ରାୟତଃ ପରିବାରର

ମୁଖ୍ୟ ବୋଲି ବିଚାର କରାଯାଏ – ତାଙ୍କୁ ତାଙ୍କ ପରିବାରର ଆବଶ୍ୟକୀୟ ବିଷୟ ଯୋଗାଇବାର ଦାୟିତ୍ୱ ଦିଆଯାଇଛି, ସେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତି ଓ ପିଲାମାନଙ୍କର ଭରଣ ପୋଷଣ କରନ୍ତି ।

ବାଇବଲ କିପରି ଈଶ୍ୱରଙ୍କୁ ଜଣେ ପିତା ଭାବରେ ଚିତ୍ରିତ କରିଛି, ତାହା ଲକ୍ଷ୍ୟଯୋଗ୍ୟ ଅଟେ । ଯୀଶୁ ଖ୍ରୀଷ୍ଟ ନିଜେ ଈଶ୍ୱରଙ୍କୁ ଏହି ଅନ୍ତରଙ୍ଗ ମାର୍ଗରେ ସମ୍ବୋଧନ କରିବା ପାଇଁ ଆମକୁ ଶିକ୍ଷା ଦେଇଛନ୍ତି : **“ହେ ଆମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ...”** (ମାଥିଉ ୬:୯) । ଆତ୍ମିକ ଅର୍ଥରେ ହେଉ କିମ୍ବା ଶାରୀରିକ ଅର୍ଥରେ ହେଉ – ଜଣେ ପିତା ହେବାର ପ୍ରକୃତ ଅର୍ଥ କ'ଣ, ତାହା ଆସନ୍ତୁ, ଆମେ ଧର୍ମଶାସ୍ତ୍ରର ବିଶେଷ ଭାବରେ ଲୂକ ୧୫ ଅଧ୍ୟାୟର ଯବକାଚ ମାଧ୍ୟମରେ ଆବିଷ୍କାର କରିବା ।

ଏହି ଅଧ୍ୟାୟ ଏକ ପରିଚିତ ଦୃଷ୍ଟାନ୍ତ ଗଳ୍ପର ବର୍ଣ୍ଣନା କରିଛି, ମାତ୍ର ଏହାର ଏକ ସଂକ୍ଷିପ୍ତ ସାରାଂଶ ଜଣାଇବା ପାଇଁ ମୋତେ ଅନୁମତି ଦିଅନ୍ତୁ । କାହାଣୀଟି ଜଣେ ଧନୀ ପିତା ଓ ତାଙ୍କର ଦୁଇ ପୁତ୍ରରୁ ଆରମ୍ଭ ହୋଇଛି । ସାନ ପୁଅ ନିଜର ଅଭିଳାଷ ଦ୍ୱାରା ପରିଚାଳିତ ହୋଇ ନିଜ ଭାଗର ସଂପତ୍ତି ଦାବୀ କଲା ଓ ଜାଗତିକ ଆମୋଦ ପ୍ରମୋଦର ଅନ୍ୱେଷଣରେ ଗୃହ ପରିତ୍ୟାଗ କଲା । ସେ ସବୁ ସଂପତ୍ତି ଉଡ଼ାଇ ଦେଲା ଓ ଶେଷରେ ଅତି ଶୋଚନୀୟ ଅବସ୍ଥାରେ ପହଞ୍ଚି ଘୁଷୁରୀ ଚରାଇବା ଓ ସେମାନଙ୍କର ଖାଦ୍ୟ ଖାଇବା ପାଇଁ ବାଧ୍ୟ ହେଲା ।



*ସାନ ପୁଅ ଘୁଷୁରୀ ଚରାଉଅଛି !*

ଏହି ଅତି ଦୀନାବସ୍ଥାରେ, ସେ ନିଜ ପିତାଙ୍କୁ ମନେ ପକାଇଲା ଓ ଗୋଟିଏ ପୁତ୍ର ଭାବରେ ନୁହେଁ, ମାତ୍ର ଗୋଟିଏ ଦାସ ଭାବରେ ତାଙ୍କ ନିକଟକୁ ଫେରି ଯିବା ପାଇଁ ନିଷ୍ପତ୍ତି ନେଲା ।

ମାତ୍ର ସେ ଗୃହକୁ ଫେରୁଥିବା ସମୟରେ, ତା'ର ପିତା ତାକୁ ଦୂରରୁ ଦେଖିଲେ, ଦୌଡ଼ିଯାଇ ତାକୁ କୁଣ୍ଢେଇ ପକେଇଲେ, ତାକୁ ସୁନ୍ଦର ବସ୍ତ୍ର ଓ ଅଳଙ୍କାର ପିନ୍ଧାଇଲେ ଓ ତା'ର ପ୍ରତ୍ୟାବର୍ତ୍ତନର ଖୁସିରେ ଗୋଟିଏ ବଡ଼ ଭୋଜିର ଆୟୋଜନ କଲେ ।

ଇତି ମଧ୍ୟରେ, ଗୃହରେ ରହି ବିଶ୍ୱସ୍ତ ଭାବେ ନିଜ ପିତାଙ୍କର ସେବା କରୁଥିବା ବଡ଼ ପୁଅ ନିଜକୁ ଅବହେଳିତ ଅନୁଭବ କଲା ଓ ଆକ୍ରୋଶରେ ପରିପୂର୍ଣ୍ଣ ହେଲା । ସେ ନିଜ ପିତାଙ୍କ ପ୍ରେମର ଗଭୀରତାକୁ ବୁଝି ନ ପାରି ଭୋଜିରେ ଯୋଗ ଦେବା ପାଇଁ ଅସମ୍ମତ ହେଲା । ବ୍ୟଙ୍ଗର ବିଷୟ, ଯଦିଓ ସେ ଶାରୀରିକ ଭାବେ ନିକଟରେ ରହିଥିଲା, ତଥାପି ସେ ମାନସିକ ଭାବେ ଦୂରରେ ଥିଲା । ଏହାର ବିପରୀତରେ, ବିଦ୍ରୋହୀ ହେବା ସତ୍ତ୍ୱେ, ସାନ ପୁଅଠାରେ ନିଜ ପିତାଙ୍କ ଚରିତ୍ର ସମ୍ବନ୍ଧରେ ଆଭ୍ୟନ୍ତରୀଣ ଜ୍ଞାନ ରହିଥିଲା । ଦୂର ଦେଶରେ ଥାଇ ମଧ୍ୟ, ସେ ତାଙ୍କ ନିକଟକୁ ଫେରି ପାରିବ ଓ ଦଣ୍ଡିତ ନ ହୋଇ ଗୃହୀତ ହେବ ବୋଲି ବିଶ୍ୱାସ କରୁଥିଲା ।

## ଆମର ପିତା ଭାବରେ ଈଶ୍ୱର

### ୧. ଜଣେ ପ୍ରେମମୟ ପିତା

ଏହି ଗଳ୍ପଟିକୁ, ପ୍ରାୟତଃ, ସାନପୁଅକୁ କେନ୍ଦ୍ରରେ ରଖି ବିଚାର କରାଯାଏ, ମାତ୍ର ଏହା ପରିବର୍ତ୍ତେ, ଆସନ୍ତୁ, ଆମେ ପିତାଙ୍କୁ ମୁଁ ଚରିତ୍ର ଭାବରେ ବିଚାର କରିବା । ସେ ଆମର ସ୍ୱର୍ଗୀୟ ପିତାଙ୍କର ପ୍ରତିନିଧିତ୍ୱ କରନ୍ତି । ସେ ଏପରି ଈଶ୍ୱର ଅଟନ୍ତି, ଯିଏ ଆମର କାର୍ଯ୍ୟ ଉପରେ କିମ୍ବା ଆମେ ଯାହା ଅଟୁ, ତାହା ଉପରେ ଆଧାର ନ କରି, ସଂପୂର୍ଣ୍ଣ ଭାବରେ, ସେ ଯାହା ଅଟନ୍ତି, ତାହାକୁ ଆଧାର କରି ତାଙ୍କର ସନ୍ତାନମାନଙ୍କୁ ପ୍ରେମ କରନ୍ତି । ତାଙ୍କର ପ୍ରେମ ସ୍ଥିର, ଅଟଳ ଓ ନିଃସର୍ତ୍ତ ଅଟେ ।

ଯାତ୍ରାପୁସ୍ତକ ୪:୨୨ରେ, ଇସ୍ରାଏଲୀୟମାନଙ୍କୁ **“ଈଶ୍ୱରଙ୍କର ପ୍ରଥମ ଜାତ”** ଭାବରେ ଉଲ୍ଲେଖ କରାଯାଇଛି । ଈଶ୍ୱରଙ୍କଠାରୁ ବାରମ୍ବାର ଦୂରେଇ ଯିବା ସତ୍ତ୍ୱେ, ସେ ସେମାନଙ୍କୁ ଉଦ୍ଧାର କରି ଚାଲିଥିଲେ ଓ ନିଜର ପରାକ୍ରମୀ ଓ ବିସ୍ତୀର୍ଣ୍ଣ ବାହୁଦ୍ୱାରା ସେମାନଙ୍କୁ ସେମାନଙ୍କର ଆବଶ୍ୟକୀୟ ବିଷୟ ଯୋଗାଇ ଚାଲିଥିଲେ । ନିଜ ସନ୍ତାନମାନଙ୍କ ପାଇଁ ତାଙ୍କର ପ୍ରେମ ଆଦୌ ଟଳମଳ ହୁଏ ନାହିଁ ।

ସେହି ପ୍ରକାରେ, ଏହି କାହାଣୀରେ ମଧ୍ୟ ପିତା ନିଜ ପୁତ୍ରକୁ ତା'ର ବିଫଳତା ପାଇଁ ଧମକ ଦେଇ ନାହାଁନ୍ତି କିମ୍ବା ସମାଲୋଚନା କରି ନ ଥିଲେ । ଏହା ପରିବର୍ତ୍ତେ, ସେ ଉନ୍ମୁକ୍ତ ବାହୁରେ ତାକୁ ସ୍ୱାଗତ କରିଥିଲେ ଓ ତା'ର ପ୍ରତ୍ୟାବର୍ତ୍ତନରେ ଆନନ୍ଦ କରିଥିଲେ । ସେ ଅତୀତକୁ ଭୁଲି ଯାଇ ପୁନର୍ମିଳନରେ ଆନନ୍ଦ କରିଥିଲେ ।

ଆମ ସ୍ୱର୍ଗୀୟ ପିତାଙ୍କର ପ୍ରେମ ଏହି ପ୍ରକାର ଅଟେ – ଅପରିମେୟ, ଅନୁକମ୍ପା ପୂର୍ଣ୍ଣ ଓ ବିନାମୂଲ୍ୟରେ ପ୍ରଦତ୍ତ । ସେ ଆମକୁ ଆମର ଯୋଗ୍ୟତା ଭିତ୍ତିରେ ନୁହେଁ, ମାତ୍ର ତାଙ୍କ ଅନୁଗ୍ରହ ଓ ଦୟାର ପ୍ରଚୁରତା ଯୋଗୁ ଆମକୁ ଗ୍ରହଣ କରନ୍ତି ।

ବାଇବଲ ଆମକୁ ଶିକ୍ଷା ଦେଇଛି, **“ପୁଣି ହେ ପିତାମାନେ, ଆପଣା ଆପଣା ପିଲାମାନଙ୍କୁ ବିରକ୍ତ କର ନାହିଁ, ମାତ୍ର ସେମାନଙ୍କୁ ପ୍ରଭୁଙ୍କ ଶିକ୍ଷା ଓ ଚେତନା ଦ୍ୱାରା ପ୍ରତିପାଳନ କର”** (ଏଫିସୀୟ ୬:୪) ।



*ଜଣେ ପ୍ରେମମୟ ପିତା !*

ଆମ ମଧ୍ୟରୁ କେତେ ଜଣ ଏହା ବିଶ୍ୱାସ କରନ୍ତି ଯେ ପିଲାମାନଙ୍କୁ କଠୋର ବ୍ୟବହାର କରିବା କିମ୍ବା ସେମାନଙ୍କୁ ନିର୍ଦ୍ଦୟ କଥା କହିବା ଗ୍ରହଣୀୟ ଅଟେ । କିନ୍ତୁ, ଧର୍ମଶାସ୍ତ୍ର ଆମକୁ ଏହା ସ୍ମରଣ କରାଇ ଦିଏ ଯେ ଆମ ପିଲାମାନଙ୍କୁ ଶାସନ କରିବା ସମୟରେ ସୁଦ୍ଧା, ଆମକୁ କୋମଳ ଓ ଚିନ୍ତାଶୀଳ ହେବାକୁ ପଡ଼ିବ ଓ ଆମେ ଯେ ସେମାନଙ୍କୁ କ୍ରୋଧାନ୍ୱିତ କରୁ ନାହୁଁ, ଏ ବିଷୟରେ ସୁନିଶ୍ଚିତ ହେବାକୁ ପଡ଼ିବ । ପ୍ରଭୁ ଆମକୁ ତାଙ୍କ ହୃଦୟକୁ ପ୍ରତିଫଳିତ କରୁଥିବା ପିତା ହେବାରେ ସାହାଯ୍ୟ କରନ୍ତୁ ।

ଆମେ ଯେପରି ତାଙ୍କ ନିକଟକୁ ଫେରି ଆସିବୁ, ଏଥିପାଇଁ ଆମର ଉତ୍ତମ ପିତା ଆମକୁ ଅପେକ୍ଷା କରନ୍ତି । ଆମେ ଆମର ସ୍ୱର୍ଗୀୟ ପିତାଙ୍କଠାରୁ ଯେତେ ଦୂରରେ ଥିଲେ ମଧ୍ୟ, ସେ ପ୍ରେମ ଓ ଉନ୍ମୁକ୍ତ ବାହୁ ସହିତ ଆମକୁ ପୁଣି ଥରେ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ ହୋଇ ଠିଆ ହୋଇଥାଆନ୍ତି ।

(ଅବଶିଷ୍ଟାଂଶ ୬୪ ପୃଷ୍ଠାରେ)

GREAT COMMISSION PARTNERS
ECHO OF HIS CALL MINISTRIES SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ଜୁନ ୧୯ ରୁ ୨୦୨୫ ଜୁଲାଇ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଜୁନ ୧୯ ⇨ ଠିକ୍ ସମୟରେ ୧୬ ଭାଷାରେ **"ଆହ୍ୱାନର ପ୍ରତିଧ୍ୱନି" ପତ୍ରିକାକୁ** ପ୍ରକାଶ କରିବାରେ ଆମକୁ ସାହାଯ୍ୟ କରୁଥିବା ସମର୍ପିତ ସହଯୋଗୀ ସଂପାଦକମାନଙ୍କ ନିମନ୍ତେ ।

ଜୁନ ୨୦ ⇨ ୧୯୬୯ରେ, ଆମ ପତ୍ରିକା ସେବାକାର୍ଯ୍ୟର ଆରମ୍ଭରୁ ଏପର୍ଯ୍ୟନ୍ତ ଏହା ଉପରେ ତାଙ୍କର ବିଶ୍ୱସ୍ତ ଆଶୀର୍ବାଦ ନିମନ୍ତେ ।

ଜୁନ ୨୧ ⇨ **ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟର** ସମସ୍ତ ଅର୍ଥ ସହାୟତାକାରୀ ମାନଙ୍କ ନିମନ୍ତେ ।

ଜୁନ ୨୨ ⇨ ୨୦୨୫ ମଇ ୧୭ରେ ମହାବଳିପୁରମ୍‌ଠାରେ ଅନୁଷ୍ଠିତ ହୋଇଥିବା **ନିହିମିୟା ବାଇବଲ କଲେଜର** ଛାତ୍ରମାନଙ୍କ ଉଦ୍ଦୀପନା ସଭା ଉପରେ ଆଶୀର୍ବାଦ କରିଥିବାରୁ ।

ଜୁନ ୨୩ ⇨ ଆମର ଶୁଭେଚ୍ଛୁମାନଙ୍କର ପ୍ରାର୍ଥନା ଓ ଅର୍ଥ ସହାୟତା ନିମନ୍ତେ ।

ଜୁନ ୨୪ ⇨ ଆମର ଆବାସିକ ଓ ସାଂଧ୍ୟ **ନିହିମିୟା ବାଇବଲ କଲେଜ ଓ ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ** ୨୦୨୪-୨୫ ଶିକ୍ଷା ବର୍ଷକୁ ସଫଳଭାବେ ସଂପୂର୍ଣ୍ଣ କରିଥିବାରୁ ।

ଜୁନ ୨୫ ⇨ ବର୍ଷ ବର୍ଷ ଧରି ଫଳ ଧାରଣ କରିବା ପାଇଁ ଆମର ସେବାକାର୍ଯ୍ୟକୁ ସାମର୍ଥ୍ୟ ଦେଇଥିବା ଈଶ୍ୱରଙ୍କ ଅନୁଗ୍ରହ ନିମନ୍ତେ ।

ଜୁନ ୨୬ ⇨ ଆମର ବରିଷ୍ଠ ପାଳକ ଓ ତାଙ୍କ ପରିବାରକୁ ସମସ୍ତ ପ୍ରକାର ମନ୍ଦ ଶକ୍ତିରୁ ସ୍ୱର୍ଗୀୟ ସୁରକ୍ଷା ଦେଇଥିବାରୁ ।

ଜୁନ ୨୭ ⇨ ୨୦୨୫ -୨୬ ଶିକ୍ଷା ବର୍ଷ ପାଇଁ **ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ନିହିମିୟା ବାଇବଲ କଲେଜରେ** ଚାଲିଥିବା ଆଡ୍‌ମିଶନ କାର୍ଯ୍ୟକୁ ଆଶୀର୍ବାଦ କରିଥିବାରୁ ।

ଜୁନ ୨୮ ⇨ ଆମର **ବାଇବଲ କୋର (ବାଇବଲ କରେସ୍‌ପଣ୍ଡେନ୍ସ କୋର୍ସ) ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେନ୍ସ୍ ପାଠ୍ୟକ୍ରମର** ଆତ୍ମିକ ପ୍ରଭାବ ନିମନ୍ତେ ।

ଜୁନ ୨୯ ⇨ ଆମର **"ଗ୍ଲୋବାଲ୍ ଭିଜନ୍ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର ମିନିଷ୍ଟ୍ରିଜ୍"**, ବିଶେଷ ଭାବରେ ସମଗ୍ର ପୃଥିବୀର ଯୁବା ଓ ପିଲାମାନଙ୍କ ନିମନ୍ତେ ପ୍ରତିଦିନ ରାତ୍ରି ୧୦ରେ ଚାଲିଥିବା ନିବେଦନ ପ୍ରାର୍ଥନା ଉପରେ ଈଶ୍ୱରଙ୍କ ହସ୍ତ ନିମନ୍ତେ ।

ଜୁନ ୩୦ ⇨ **"ଆହ୍ୱାନର ପ୍ରତିଧ୍ୱନି"** କର୍ମଚାରୀ ଓ ସେମାନଙ୍କ ପରିବାର ନିମନ୍ତେ ସୁରକ୍ଷା ଓ ସାହାଯ୍ୟ ଯୋଗାଇଥିବାରୁ ।

ଜୁଲାଇ ୧ ⇨ ଆମର ମୁଖ୍ୟ ଓ ଶାଖା ମଣ୍ଡଳୀଗୁଡ଼ିକରେ ଅନୁଷ୍ଠିତ ହୋଇଥିବା ଆମର **ଛୁଟୀ ଦିବସୀୟ ବାଇବଲ ସ୍କୁଲ (ଭିବିଏସ୍)ର** ସଫଳତା ନିମନ୍ତେ ।

ଜୁଲାଇ ୨ ⇨ ଆମର **ଆହ୍ୱାନର ପ୍ରତିଧ୍ୱନି** "ଚର୍ଚ୍ଚ ଆଚିଭର୍‌ସ ଆୱାର୍ଡ" ଉତ୍ସବର ସଫଳତା ନିମନ୍ତେ ।

ଜୁଲାଇ ୩ ⇨ ଆମର ସମସ୍ତ ବାଇବଲ କଲେଜର ଛାତ୍ରମାନଙ୍କ ଉପରେ ଈଶ୍ୱରଙ୍କ ସୁରକ୍ଷା ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଜୁଲାଇ ୪ ⇨ ସମଗ୍ର ପୃଥିବୀର ମିଶନେରୀମାନଙ୍କର ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଜୁଲାଇ ୫ ⇨ ସମଗ୍ର ଦେଶଗୁଡ଼ିକ ମଧ୍ୟରେ ଶାନ୍ତି ନିମନ୍ତେ ।

ଜୁଲାଇ ୬ ⇨ ବଞ୍ଚିତ ଓ ଦଳିତ ଲୋକମାନଙ୍କର ଅର୍ଥନୈତିକ ଉନ୍ନତି ନିମନ୍ତେ ।

ଜୁଲାଇ ୭ ⇨ ଦୁର୍ଗମ ଅଞ୍ଚଳର ସୁସମାଚାର ଜାଣି ନ ଥିବା ଲୋକମାନଙ୍କ ନିକଟକୁ ପହଞ୍ଚିବା ପାଇଁ ମିଶନେରୀମାନେ ଯେପରି ନିରାପତ୍ତା ଓ ଶକ୍ତି ପାଇବେ ।

ଜୁଲାଇ ୮ ⇨ ଏହି ମାସ ଯେପରି ଈଶ୍ୱର ଆମର ସମସ୍ତ ଆବଶ୍ୟକତା ପୂରଣ କରିବେ ।

ଜୁଲାଇ ୯ ⇨ ପ୍ରତ୍ୟେକ ଦେଶରେ ଈଶ୍ୱର-ଭୟକାରୀ ନେତୃତ୍ୱ ନିମନ୍ତେ ।

ଜୁଲାଇ ୧୦ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲ୍‌ଭାରାଜ ଓ ତାଙ୍କ ପରିବାରର ସୁରକ୍ଷା ଓ କଲ୍ୟାଣ ନିମନ୍ତେ ।

ଜୁଲାଇ ୧୧ ⇨ ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଯେପରି ଆମର **ଆବାସିକ ଓ ସାଂଧ୍ୟ ନିହିମିୟା ବାଇବଲ କଲେଜ ଓ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ** ଯୋଗ୍ୟ ଛାତ୍ରମାନେ ଆଡ୍‌ମିଶନ ନେବେ ।

ଜୁଲାଇ ୧୨ ⇨ **ନିହିମିୟା ବାଇବଲ କଲେଜର** ଯେଉଁ ନୂତନ ଛାତ୍ରମାନଙ୍କର ପାଠ ପଢ଼ା ୨୦୨୫ ଜୁନ୍ ୨ ରୁ ଆରମ୍ଭ ହେବ, ସେମାନଙ୍କ ପାଇଁ ଈଶ୍ୱରଙ୍କ ଚାଳନା ନିମନ୍ତେ ।

ଜୁଲାଇ ୧୩ ⇨ **ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ** ପାଇଁ ଅଧିକରୁ ଅଧିକ ସମର୍ପିତ କାର୍ଯ୍ୟକାରୀମାନେ ଯେପରି ଉଠିବେ ।

ଜୁଲାଇ ୧୪ ⇨ ପୃଥିବୀର ସମସ୍ତ ଆତ୍ମିକ ନେତାଙ୍କୁ ଜ୍ଞାନ ଓ ଶକ୍ତି ଦେବା ନିମନ୍ତେ ।

ଜୁଲାଇ ୧୫ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସଭ୍ୟ ଓ ମହାଆଦେଶ ସାଥୀ ଓ ସେମାନଙ୍କ ପରିବାରଗୁଡ଼ିକ ଉପରେ ଈଶ୍ୱରଙ୍କ ଦୟା ନିମନ୍ତେ ।

ଜୁଲାଇ ୧୬ ⇨ ଆମର ସମସ୍ତ ପ୍ରଚାର ସଭା ଓ ଆନୁଷ୍ଠାନିକ କାର୍ଯ୍ୟ ଉପରେ ଈଶ୍ୱରଙ୍କ ଦୟା ନିମନ୍ତେ ।

ଜୁଲାଇ ୧୭ ⇨ ଆତଙ୍କବାଦ ଓ ହିଂସାରୁ ସମସ୍ତ ଦେଶର ସୁରକ୍ଷା ନିମନ୍ତେ ।

ଜୁଲାଇ ୧୮ ⇨ ଆମର କାର୍ଯ୍ୟାଳୟ ଓ ଛାପାକଳର କର୍ମଚାରୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଶକ୍ତି ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

## ୨. ଜଣେ ଇଚ୍ଛୁକ ପିତା

ଲୂକ ୧୫:୨୦ରେ, ଆମେ ପାଠ କରୁ, **"...କିନ୍ତୁ ସେ ଦୂରରେ ଥାଉ ଥାଉ ତାହାର ପିତା ତାହାକୁ ଦେଖି ଦୟାରେ ବିଗଳିତ ହେଲେ ଓ ଦୌଡ଼ିଯାଇ ତାହାକୁ ଆଲିଙ୍ଗନ କରି ଅତି ସ୍ନେହରେ ଚୁମ୍ବନ କଲେ ।"** ଏହି ହୃଦୟସ୍ପର୍ଶୀ ସମୟ ଏପରି ଜଣେ ପିତାଙ୍କର ହୃଦୟକୁ ପ୍ରକାଶ କରିଛି ଯିଏ ତାଙ୍କ ପୁତ୍ରର ପ୍ରତ୍ୟାବର୍ତ୍ତନ ଆଶାରେ ପ୍ରତିଦିନ ଅପେକ୍ଷା କରୁଛନ୍ତି ଓ ସେ ଫେରି ଆସୁ ବୋଲି ଇଚ୍ଛା କରୁଛନ୍ତି ।

ସମାନ ପ୍ରକାରେ, ଆମର ସ୍ୱର୍ଗସ୍ଥ ପିତା ଆମ ପ୍ରତ୍ୟେକଙ୍କ ସହିତ ଏକ ପୁନଃସ୍ଥାପିତ ସଂପର୍କ ପାଇଁ ଇଚ୍ଛା କରନ୍ତି । ସେ ଆଦମ ଓ ହବାଙ୍କ ସହିତ ଏହା ହିଁ, ଅର୍ଥାତ୍, ଏକ ଗଭୀର, ଅନ୍ତରଙ୍ଗ ସଂପର୍କ ଇଚ୍ଛା କରିଥିଲେ ଓ ଏହାହିଁ ସେ ଆଜି ଆମଠାରୁ ଇଚ୍ଛା କରନ୍ତି – ଇଚ୍ଛା କରିବା ଓ ଅପେକ୍ଷା କରିବା ।

**"ସଦାପ୍ରଭୁ ତୁମ୍ଭମାନଙ୍କ ପ୍ରତି ଅନୁଗ୍ରହ କରିବା ପାଇଁ ଅପେକ୍ଷା କରିବେ..." (ଯିଶାଇୟ ୩୦:୧୮) ।** ଏହି ଦୃଷ୍ଟାନ୍ତ ଗଳ୍ପରେ ଥିବା ପିତା ଭଳି, ସେ ତାଙ୍କର କରୁଣା, ଅନୁଗ୍ରହ ଓ ଦୟା ଢ଼ାଳି ଦେବା ପାଇଁ ଅପେକ୍ଷା କରୁଛନ୍ତି ।

ଯେତେବେଳେ ଆମେ ତାଙ୍କ ନିକଟକୁ ଫେରି ଆସିବୁ, ସେତେବେଳେ ସେ ଆମକୁ କୌଣସି ପ୍ରଶ୍ନ ପଚାରିବେ ନାହିଁ କିମ୍ବା ଆମକୁ ଲଜ୍ଜିତ କରିବେ ନାହିଁ ।

ଏହା ପରିବର୍ତ୍ତେ ସେ ଆମକୁ ଆଲିଙ୍ଗନ କରିବେ ଓ ତାଙ୍କ ଉତ୍ତମତା ଦ୍ୱାରା ଆମକୁ ଆଶୀର୍ବାଦ କରିବେ । ଯଦି ଆପଣ ଈଶ୍ୱରଙ୍କଠାରୁ ଦୂରରେ ରହିବା ଭଳି ଅନୁଭବ କରୁଛନ୍ତି, ତାଙ୍କ ପ୍ରେମର ଅଯୋଗ୍ୟ ବୋଲି ଭାବୁଛନ୍ତି, କିମ୍ବା ତାଙ୍କ ନିକଟକୁ ଫେରିବା ପାଇଁ କୁଣ୍ଠିତ ହେଉଛନ୍ତି – ତେବେ ଏହା ଜାଣନ୍ତୁ : ଆପଣ କେବଳ ଗୋଟିଏ ପାଦ ପଛରେ ଅଛନ୍ତି । ସେ ବର୍ତ୍ତମାନ ଆପଣଙ୍କ ନିମନ୍ତେ ଅପେକ୍ଷା କରିଛନ୍ତି ।

## ୩.ଏକ ଉତ୍ତରାଧିକାର ଛାଡ଼ିବା



***ପିଲାମାନେ ସେମାନଙ୍କ ପିତାଙ୍କଠାରୁ ବହୁତ କିଛି ଶିକ୍ଷା କରନ୍ତି ।***

ଏହା ପିତୃତ୍ୱ ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରାୟତଃ, ଅବହେଳିତ ବିଷୟ ଅଟେ । ପୁରାତନ କଥନ, "ପିତା ଯେପରି, ପୁଅ ସେପରି" – ଏଥିରେ ଗଭୀର ସତ୍ୟତା ଅଛି । ପିତାମାନେ କେବଳ ସେମାନଙ୍କର ଗୁଣସୂତ୍ର ନୁହେଁ, ମାତ୍ର ସେମାନଙ୍କର ଉଭୟ ଶାରୀରିକ ଓ ଆତ୍ମିକ ଗୁଣଗୁଡ଼ିକୁ ମଧ୍ୟ ହସ୍ତାନ୍ତର କରନ୍ତି । ଅନେକ ଯୁବକଙ୍କ ପାଇଁ, ସେମାନଙ୍କ ପିତା ସେମାନଙ୍କ ପ୍ରଥମ ଆଦର୍ଶ ବ୍ୟକ୍ତି ଅଟନ୍ତି । କେବଳ କିପରି ବଞ୍ଚିବାକୁ ହେବ, ତା' ନୁହେଁ, ମାତ୍ର କିପରି ଜୀବନ କାଟିବା ଉଚିତ୍ ନୁହେଁ – ଏହା ମଧ୍ୟ ସେମାନେ ବହୁ ପରିମାଣରେ ତାଙ୍କଠାରୁ ଶିକ୍ଷା କରନ୍ତି ।

ଦୁଃଖର ବିଷୟ, ପ୍ରାୟତଃ, କେତେକ ନକରାତ୍ମକ ଗୁଣ ମଧ୍ୟ ଅତି ସହଜରେ ହସ୍ତାନ୍ତର ହୋଇଯାଏ । ତଥାପି ପିତାମାନେ ଉପଲବ୍ଧି କରନ୍ତୁ, କିମ୍ବା ନ କରନ୍ତୁ, ସେମାନେ ଏକ ସ୍ଥାୟୀ ପରଂପରା ଛାଡ଼ି ଯାଆନ୍ତି । ସେମାନେ ସେମାନଙ୍କ ପିଲାମାନଙ୍କର ଆତ୍ମିକ ଜୀବନକୁ ଗଠନ କରିବାରେ ଏକ ଅନିବାର୍ଯ୍ୟ ଭୂମିକା ଗ୍ରହଣ କରନ୍ତି ।

## ଯାତ୍ରା ୧୫:୨ରେ ଆମେ ପାଠ କରୁ

**"ସଦାପ୍ରଭୁ ଆମ୍ଭର ବଳ ଓ ଗାନ, ପୁଣି ସେ ଆମ୍ଭର ପରିତ୍ରାଣ ହୋଇଅଛନ୍ତି, ସେ ଆମ୍ଭର ପରମେଶ୍ୱର, ଆମ୍ଭେ ତାହାଙ୍କର ପ୍ରଶଂସା କରିବା, ସେ ଆମ୍ଭର ପୈତୃକ ପରମେଶ୍ୱର, ଆମ୍ଭେ ତାହାଙ୍କର ଗୁଣାନୁବାଦ କରିବା ।"**

"ଆମ୍ଭର ପୈତୃକ ପରମେଶ୍ୱର" ଏହି ପଦଟି ଏହା ପ୍ରତିଫଳିତ କରେ ଯେ ଈଶ୍ୱରଙ୍କଠାରେ ବିଶ୍ୱାସକୁ ଜଣେ ପିତାଙ୍କର ପ୍ରଭାବ ମାଧ୍ୟମରେ ବାଲ୍ୟକାଳର ଶିକ୍ଷା କରାଯାଇଥିଲା ।

## ଦ୍ୱିତୀୟ ବିବରଣ ୩୨:୭ରେ ଲେଖାଅଛି

**"ପୂର୍ବକାଳର ଦିନସବୁ ସ୍ମରଣ କର, ଗତ ବହୁ ପୁରୁଷର ବର୍ଷ ବିବେଚନା କର, ତୁମ୍ଭ ପିତାଙ୍କୁ ପଚାର, ସେ ତୁମ୍ଭକୁ ଜଣାଇବେ ।"**

## ଗୀତସଂହିତା ୪୪:୧ ଯୋଗ କରିଛି :

**"ହେ ପରମେଶ୍ୱର, ତୁମ୍ଭେ ପୂର୍ବକାଳରେ ଆମ୍ଭମାନଙ୍କ ପିତୃ ପୁରୁଷଙ୍କ ସମୟରେ ଯେଉଁ କର୍ମ କରିଥିଲ, ତାହା ଆମ୍ଭେମାନେ ସ୍ୱକର୍ଣ୍ଣରେ ଶୁଣିଅଛୁ ଓ ସେମାନେ ତାହା ଆମ୍ଭମାନଙ୍କୁ ଜଣାଇଅଛନ୍ତି ।"**

## ପୁଣି ଗୀତସଂହିତା ୭୮:୩–୪ ଘୋଷଣା କରିଛି :

**"ଆମ୍ଭେ ତାହା ସବୁ ଶୁଣି ଜାଣିଅଛୁ ଓ ଆମ୍ଭମାନଙ୍କ ପିତୃଗଣ ଆମ୍ଭମାନଙ୍କୁ ଜଣାଇ ଅଛନ୍ତି । ଆମ୍ଭେମାନେ ତାହା ସବୁ ସେମାନଙ୍କ ସନ୍ତାନଗଣଠାରୁ ଗୁପ୍ତ ରଖିବା ନାହିଁ । ଆସନ୍ତା ପୁରୁଷ ନିକଟରେ ସଦାପ୍ରଭୁଙ୍କର ପ୍ରଶଂସା ଓ ତାହାଙ୍କର ପରାକ୍ରମ ଓ**

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
Chepauk & Santhoshapuram, Velachery Chennai. ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ECHO OF HIS CALL 1969-2019 GOLDEN JUBILEE REACHING NATIONS
ଥିଓଲୋଜିରେ ଡିପ୍ଲୋମା
ମାଧ୍ୟମ – ହିନ୍ଦୀ (Residential) Sponsorship Available
ମାଧ୍ୟମ – ତାମିଲ (Part Time)
ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଧୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା – ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା – ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

"Echo of His Call Educational Trust" କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

### (ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

**"ସଦାପ୍ରଭୁଙ୍କର ଧନ୍ୟବାଦ କର, ... ଆମ୍ଭମାନଙ୍କ ହୀନାବସ୍ଥା ସମୟରେ ଆମ୍ଭମାନଙ୍କୁ ସ୍ମରଣ କଲେ ସେ, କାରଣ ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ" (ଗୀତସଂହିତା ୧୩୬:୧,୨୩) ।**

ମୋର ସେବକୀୟ ଜୀବନର ଆରମ୍ଭରୁ, ଈଶ୍ୱର ମୋତେ କୌଣସି ତାତ୍‌କ୍ଷଣିକ ପୁରସ୍କାର ଆଶା କରିବା ବିନା ଯେ କୌଣସି ଦୂରତାକୁ ଯାଇ ଈଶ୍ୱରଙ୍କ ଗୌରବ ଓ ତାଙ୍କ ରାଜ୍ୟର ସଂପ୍ରସାରଣ ନିମନ୍ତେ ଯେ କୌଣସି ଆହ୍ୱାନକୁ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରଦାନ କରିଥିଲେ । ୧୯୭୬ ରୁ ୧୯୮୬ ପର୍ଯ୍ୟନ୍ତ, ମୋର ସରକାରୀ କାର୍ଯ୍ୟାଳୟରୁ ଛୁଟୀ ନେବା ଓ ମୋର ନିଜସ୍ୱ ଖର୍ଚ୍ଚରେ ସୁସମାଚାର ପ୍ରଚାର ଯାତ୍ରା କରି ଛୋଟ ଛୋଟ ସଭା ମାଧ୍ୟମରେ ସୁସମାଚାର ପ୍ରଚାର କରିବା ମୋର ଅଭ୍ୟାସ ଥିଲା ।

ଅନ୍ତତଃ, ଗୋଟିଏ କିମ୍ବା ଦୁଇ ମାସ ପାଇଁ ଭାରତର ବିଭିନ୍ନ ସ୍ଥାନକୁ ମୋର ଆତ୍ମିକ ବନ୍ଧୁମାନଙ୍କ ସହିତ ଯିବାରେ ପ୍ରଭୁ ମୋତେ ସାହାଯ୍ୟ କରିଥିଲେ । ଆମେ ସୁସମାଚାର ଜାଣି ନ ଥିବା ଗ୍ରାମ ଗୁଡ଼ିକୁ ଯାଉଥିଲୁ ଓ ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାର ମାଧ୍ୟମରେ ହଜାର ହଜାର ଲୋକଙ୍କ ଜୀବନକୁ ସ୍ପର୍ଶ କରୁଥିଲେ । ଅନେକ ଥର ମୋତେ ଟ୍ରେନ ଟିକଟ, ବସ୍ ଟିକଟ କିଣିବାକୁ ଓ ମୋ' ପାଇଁ ଓ ମୋର ବନ୍ଧୁମାନଙ୍କ ପାଇଁ ହୋଟେଲରେ ରହିବା ଖର୍ଚ୍ଚ ଦେବାକୁ ପଡୁଥିବାରୁ, ମୁଁ ଏହି ସବୁ ଅର୍ଥ ପାଇଁ, ମୁଁ ଈଶ୍ୱରଙ୍କ ଉପରେ ନିର୍ଭର କରୁଥିଲି । ଈଶ୍ୱର ଆଶ୍ଚର୍ଯ୍ୟଜନକ ଭାବରେ ମୋତେ ସାହାଯ୍ୟ କରୁଥିଲେ ।

ଏହି ସେବାକାର୍ଯ୍ୟ ମାଧ୍ୟମରେ, ଈଶ୍ୱର ମୋତେ ଚେଙ୍ଗଲପୁଟ, ଭିଲୁପୁରମ, ମଦୁରାଇ, ତ୍ରିଚି, କନ୍ୟାକୁମାରୀ, କୋଡ଼ାଇକେନାଲ, ଉଟ୍‌କାମଣ୍ଡ, ତ୍ରିଭାନ୍ଦ୍ରମ, ପେରମାଡ଼େ, ଇଡ୍‌ଡୁକୀ, ଭଣ୍ଡିପେରିୟାର, ବିଜୟୱାଡ଼ା, ବେଙ୍ଗାଲୁରୁ, ମହୀଶୂର ଇତ୍ୟାଦି ଜିଲ୍ଲାଗୁଡ଼ିକର ବିଭିନ୍ନ ଦୁର୍ଗମ ଅଞ୍ଚଳଗୁଡ଼ିକୁ ଯାତ୍ରା କରିବାରେ ସାହାଯ୍ୟ କରିଥିଲେ । ମୁଁ ଆମର ବାଦ୍ୟଯନ୍ତ୍ର ଓ ସୁସମାଚାର ପତ୍ରପତ୍ରିକାଗୁଡ଼ିକୁ ବସ୍ ଓ ଟ୍ରେନ ଯୋଗେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ଆଣିବା କରିବାରେ ବିଭିନ୍ନ ପ୍ରକାର ଶାରୀରିକ କଷ୍ଟ ଭୋଗୁଥିଲି । ମୋର ଆର୍ଥିକ ଅବସ୍ଥା ଏତେ ଭଲ ନ ଥିବାରୁ, ମୁଁ ମୋର ସେବାକାର୍ଯ୍ୟ ପାଇଁ ଗୋଟିଏ ଗାଡ଼ି କିଣିବା କଥା କଳ୍ପନା କରି ପାରୁ ନ ଥିଲି । ମାତ୍ର ଈଶ୍ୱର ମୋର ମନୋଭାବକୁ ଲକ୍ଷ୍ୟ କରୁଥିଲେ ଓ ମୋର ସାକ୍ଷ୍ୟ ସବୁ ଶୁଣୁଥିଲେ । **"... ଈଶ୍ୱର ତୁମ୍ଭମାନଙ୍କର କର୍ମ, ଆଉ ସାଧୁମାନଙ୍କର ସେବା କରିଥିବା ଦ୍ୱାରା ଓ ଏବେ ମଧ୍ୟ କରୁଥିବା ଦ୍ୱାରା ତାହାଙ୍କ ନାମ ପ୍ରତି ତୁମ୍ଭେମାନେ ଯେଉଁ ପ୍ରେମ ପ୍ରକାଶ କରିଅଛ, ତାହା ଯେ ଭୁଲିଯିବେ, ଏପରି ଅନ୍ୟାୟକାରୀ ସେ ନୁହଁନ୍ତି"** (ଏବ୍ରୀ ୬:୧୦) ।

ପରେ, ମୁଁ ଏହା ଆବିଷ୍କାର କରିଥିଲି ଯେ ଈଶ୍ୱର ମୋର ସମସ୍ତ ସହକର୍ମୀଙ୍କୁ ଆଶୀର୍ବାଦ କରିଥିଲେ ଓ ସେମାନଙ୍କୁ ଉଚ୍ଚୀକୃତ କରି, ଆଜି ମଧ୍ୟ ତାଙ୍କ ଦ୍ରାକ୍ଷାକ୍ଷେତ୍ରରେ ସେମାନଙ୍କୁ ଶକ୍ତିପୂର୍ଣ୍ଣ ଭାବରେ ବ୍ୟବହାର କରୁଛନ୍ତି । ସେ ମୋତେ ମଧ୍ୟ ଅତ୍ୟାଧୁନିକ ଉପକରଣ, କାର୍, ଭ୍ୟାନ, ଉଦ୍‌ଯୋଗୀ କର୍ମଚାରୀ ଭଳି ସବୁ ସୁବିଧା ଯୋଗାଇଛନ୍ତି ଓ ଭାରତର ପରିତ୍ରାଣ ପାଇ ନ ଥିବା ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ପାଇଁ ଅଧିକରୁ ଅଧିକ ସାମର୍ଥ୍ୟ ଦେଉଛନ୍ତି । ଆହୁରି ମଧ୍ୟ ଈଶ୍ୱର ମୋତେ ସମ୍ମାନିତ କରିଥିଲେ, ପୃଥିବୀର ବିଭିନ୍ନ ଦେଶକୁ ନେଇଥିଲେ ଓ ମୋତେ ଉତ୍ତମ ବନ୍ଧୁ ଯୋଗାଇଥିଲେ ।

ସେହି ଈଶ୍ୱର ଆଜି ମଧ୍ୟ ଜୀବିତ ଅଛନ୍ତି । ସେ ଏପରି ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଖୋଜୁଛନ୍ତି ଯେଉଁମାନେ କୌଣସି ଆଶୁ ପୁରସ୍କାର, ଉଚ୍ଚପଦବୀ ଓ ଦୁର୍ନୀତିଗ୍ରସ୍ତ ମନୋଭାବ ବିନା ତାଙ୍କ ସେବା କରିବା ପାଇଁ ଆଗକୁ ଆସିପାରିବେ । **"ତୁମ୍ଭେ ଜଳ ଉପରେ ଆପଣା ଭକ୍ଷ୍ୟ ପକାଅ, କାରଣ ଅନେକ ଦିନ ଉତ୍ତାରେ ତାହା ପାଇବ"** (ଉପଦେଶକ ୧୧:୧) । ସେ କାହାରି ନିକଟରେ ଋଣୀ ନୁହଁନ୍ତି ।

ବ୍ୟକ୍ତିଗତ ଭାବରେ, ମୁଁ ଶିକ୍ଷା କରିଛି ଯେ ଯଦି ଈଶ୍ୱରଙ୍କ ରାଜ୍ୟ ନିମନ୍ତେ କିଛି କରିବା ପାଇଁ ଆମର ଇଚ୍ଛା ଥାଏ, ତେବେ ଆମେ ପବନ ଓ ମେଘକୁ ଭ୍ରୁକ୍ଷେପ ନ କରି ସଙ୍ଗେ ସଙ୍ଗେ ତାହା କରିବା ଉଚିତ୍ । କାରଣ **"ଯେଉଁ ଲୋକ ପବନକୁ ଅନାଏ, ସେ ବୁଣିବ ନାହିଁ ଓ ଯେଉଁ ଲୋକ ମେଘକୁ ଅନାଏ, ସେ କାଟିବ ନାହିଁ"** (ଉପଦେଶକ ୧୧:୪) । ଜଗତ ଓ ଜାଗତିକ ଲୋକମାନେ ଆପଣଙ୍କ ସହିତ ଠିଆ ହେବେ ।

ଆଜିକାଲି, ଆମର ଲୋକମାନେ ଈଶ୍ୱରଙ୍କ ରାଜ୍ୟର ବୃଦ୍ଧିରେ ସେମାନଙ୍କ ସ୍ୱାସ୍ଥ୍ୟ, ଧନ ଓ ପ୍ରତିଭା ବିନିଯୋଗ କରିବାକୁ ଇଚ୍ଛା କରୁ ନାହାନ୍ତି । ଏହା ପରିବର୍ତ୍ତେ, ସାଙ୍ଗେ ସାଙ୍ଗେ ପଦୋନ୍ନତି ଓ ପୁରସ୍କାର ଆଶା କରୁଛନ୍ତି । ପ୍ରିୟ ବନ୍ଧୁ, ମୁଁ ବାସ୍ତବରେ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ଯୋଗୁ ଆଶୀର୍ବାଦ ପାଇଅଛି । ସେ ବାସ୍ତବରେ ଆପଣଙ୍କୁ ମଧ୍ୟ ଆଶୀର୍ବାଦ କରିପାରନ୍ତି । ଆପଣ ବର୍ତ୍ତମାନ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ କିଛି କରିବା ପାଇଁ ଆଗକୁ ଆସିପାରିବେ କି ? ଆପଣ କ'ଣ ନିଜର କ୍ରୁଶ ବହନ କରି ତାଙ୍କୁ ଅନୁଗମନ କରିପାରିବେ କି ? **"ଈଶ୍ୱର ଏପରି ଇଚ୍ଛୁକ ଲୋକମାନଙ୍କୁ ଖୋଜୁଛନ୍ତି ଯେଉଁମାନେ ଯେ କୌଣସି ପ୍ରକାରେ – ସମସ୍ତଙ୍କ ନିକଟରେ ସବୁ ମାର୍ଗରେ ତାଙ୍କ ଗୌରବମୟ ସୁସମାଚାର ପ୍ରଚାର କରିବା ପାଇଁ ବାସ୍ତବରେ ଆଗ୍ରହୀ ଅଟନ୍ତି"** (୧ କରିନ୍ଥୀୟ ୯:୨୨) ।

ଯେତେବେଳେ ଆପଣ ଏହି ବାକ୍ୟଗୁଡ଼ିକ ପାଠ କରିବେ, ତେବେ ଆପଣ ଅବଶ୍ୟ ଏହା ଜାଣିବେ ଯେ ଆପଣଙ୍କ ନିମନ୍ତେ ଈଶ୍ୱରଙ୍କର ଏକ ବିଶେଷ ଯୋଜନା ଅଛି । ଦିନେ ଜାଗତିକ ଧନ, ସ୍ୱାସ୍ଥ୍ୟ, ସଂପର୍କ ଓ ଖ୍ୟାତି ଆପଣଙ୍କୁ ପ୍ରତାରଣା କରିବ । ମାତ୍ର **"ଯୀଶୁ ଖ୍ରୀଷ୍ଟ ଆପଣଙ୍କୁ ସାନ୍ତ୍ୱନାବିହୀନ କରି ଛାଡ଼ି ଦେବେ ନାହିଁ"** ଯୋହନ ୧୪:୧୮ । ଆଜି ହିଁ ଗୋଟିଏ ନିଷ୍ପତ୍ତି ନିଅନ୍ତୁ । ଗୋଟିଏ ବଡ଼ ପୁରସ୍କାର ଆପଣଙ୍କୁ ଅପେକ୍ଷା କରୁଅଛି ।

************

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

**ତାହାଙ୍କ କୃତ ଆଶ୍ଚର୍ଯ୍ୟ କର୍ମ ସକଳ ବର୍ଣ୍ଣନା କରିବା ।''**

ଏହି ପଦଗୁଡ଼ିକ ସ୍ପଷ୍ଟ କରି ଦେଉଛି : ପିଲାମାନେ ସେମାନଙ୍କ ପିତାମାନଙ୍କଠାରୁ ଶିଖନ୍ତି ଓ ଆତ୍ମିକ ଜ୍ଞାନ ଓ ଧର୍ମ ପରାୟଣତାର ଗୁଣଗୁଡ଼ିକୁ ଆଗାମୀ ପୀଢ଼ୀକୁ ହସ୍ତାନ୍ତର କରିବା ପ୍ରତ୍ୟେକ ପିତାର ଦାୟିତ୍ୱ ଅଟେ ।

ଦୁର୍ଭାଗ୍ୟ ବଶତଃ, ଆମ ପିଲାମାନଙ୍କ ଜୀବନରେ ଥିବା ଅନେକ ପାପ ପୂର୍ବ ପୁରୁଷଙ୍କଠାରୁ ଆସିଥିବା ଧାରାରେ ରୋପିତ ହୋଇଥାଏ । ମାତ୍ର ଆମେ ଯେପରି ଗୋଟିଏ ଅଭିଶାପର ନୁହେଁ, ମାତ୍ର ଗୋଟିଏ ଆତ୍ମିକ ଆଶୀର୍ବାଦର ଐତିହ୍ୟ ଛାଡ଼ିଯିବୁ, ଏହା ଆମ ପାଇଁ ଈଶ୍ୱରଙ୍କର ଇଚ୍ଛା ଅଟେ ।

ବାଇବଲରେ ଅନେକ ଦୃଷ୍ଟାନ୍ତ ଅଛି – ନିର୍ଦ୍ଦିଷ୍ଟ ଭାବରେ, ଇସ୍ରାଏଲ ଓ ଯିହୁଦାର ରାଜାମାନଙ୍କ ପୁତ୍ରମାନେ ସେମାନଙ୍କ ପିତାମାନଙ୍କର ଅଧାର୍ମିକତାର ପଥ ଅନୁସରଣ କରୁଥିଲେ ଓ ଅର୍ଥଶୂନ୍ୟ ଜୀବନ କାଟୁଥିଲେ । ୨ ରାଜାବଳି ୨୧:୨୧ରେ, ଆମେ ମନଃଶିଙ୍କ ପୁତ୍ର ଅମୋନ୍‌ଙ୍କ ବିଷୟରେ ପାଠ କରୁ :

**"ତାଙ୍କ ପିତା ଯେଉଁ ପଥରେ ଚାଲିଥିଲେ, ସେ ସେହି ସମସ୍ତ ପଥରେ ଚାଲିଲେ ଓ ତାଙ୍କର ପିତା ଯେଉଁ ଦେବତା ମାନଙ୍କର ସେବା କରିଥିଲେ, ସେ ସେମାନଙ୍କର ସେବା କଲେ ଓ ସେମାନଙ୍କୁ ପୂଜା କଲେ ।''**

କେତେ ଦୁଃଖର ବିଷୟ !

ମନଃଶି ନିଜେ ସେହି ଶ୍ରେଷ୍ଠ ରାଜା ହିଜିକିୟଙ୍କ ପୁତ୍ର ଥିଲେ, ଯିଏ ସଦାପ୍ରଭୁଙ୍କୁ ଅତ୍ୟନ୍ତ ପ୍ରେମ କରୁଥିଲେ । ତଥାପି, ମନଃଶିଙ୍କ ପ୍ରତି କ'ଣ ଘଟିଥିଲା ? ସେ କାହିଁକି ଈଶ୍ୱରଙ୍କ ପ୍ରତି ସମାନ ଭକ୍ତି ରଖିବା ଶିକ୍ଷା କରି ନ ଥିଲେ ? ଏହା ପ୍ରତ୍ୟେକ ପିତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତ୍ଥାପନ କରେ ।

୧ ରାଜାବଳି ୧୧:୯-୪ ରେ, ଆମେ ପାଠ କରୁ, **"...ଶଲୋମନ ବୃଦ୍ଧ ହୁଅନ୍ତେ, ଏପରି ଘଟିଲା ଯେ, ତାଙ୍କର ପତ୍ନୀମାନେ ଅନ୍ୟ ଦେବଗଣ ପ୍ରତି ତାଙ୍କର ମନକୁ ବିପଥଗାମୀ କଲେ । ପୁଣି ତାଙ୍କର ପିତା ଦାଉଦଙ୍କ ଅନ୍ତଃକରଣ ପରି ତାଙ୍କର ଅନ୍ତଃକରଣ ସଦାପ୍ରଭୁ ପରମେଶ୍ୱରଙ୍କ ପ୍ରତି ସିଦ୍ଧ ନୋହିଲା ।''**



***ଶଲୋମନଙ୍କ ପତ୍ନୀମାନେ ତାଙ୍କୁ ଅନ୍ୟ ଦେବଗଣ ପ୍ରତି ତାଙ୍କର ମନକୁ ବିପଥଗାମୀ କଲେ***

ସମଗ୍ର ଧର୍ମ ଶାସ୍ତ୍ରରେ, ଆମେ ଏପରି ଅନେକ ପିତାଙ୍କୁ ଦେଖୁ ଯେଉଁମାନେ ଏକ ଧାର୍ମିକ ଐତିହ୍ୟ ଛାଡ଼ିବାରେ ବିଫଳ ହୋଇ ସେମାନଙ୍କ ସନ୍ତାନମାନଙ୍କୁ ଓ ପରବର୍ତ୍ତୀ ପୀଢ଼ୀଗୁଡ଼ିକୁ ନଷ୍ଟ କରି ଦେଇଥିଲେ । ଏହାର ସଂପୂର୍ଣ୍ଣ ବିପରୀତରେ, ଆସା, ଯିହୋଶାଫଟ ଓ ଯୋଶିୟଙ୍କ ଭଳି ରାଜାମାନେ ବିବେଚନାପୂର୍ବକ ସେମାନଙ୍କ ପିତାମାନଙ୍କର ପଦାଙ୍କ ଅନୁସରଣ କରିଥିଲେ ଓ ବିଶ୍ୱାସର ସ୍ଥାୟୀ ଐତିହ୍ୟ ଛାଡ଼ି ଯାଇଥିଲେ । ସେମାନଙ୍କର ବାଧ୍ୟତା ଯେ କେବଳ ସେମାନଙ୍କ ନିଜ ନିଜ ପରିବାର ଉପରେ ଆଶୀର୍ବାଦ ଆଣିଥିଲା, ତା' ନୁହେଁ, ମାତ୍ର ପଡ଼ୋଶୀ ଦେଶଗୁଡ଼ିକ ପ୍ରତି ମଧ୍ୟ ଶାନ୍ତି ଆଣିଥିଲା । ୨ ବଂଶାବଳୀ ୧୭:୧୦ ଘୋଷଣା କରିଛି : **"ତହୁଁ ଯିହୁଦାର ଚତୁର୍ଦ୍ଦିଗସ୍ଥ ଦେଶର ସକଳ ରାଜ୍ୟରେ ସଦାପ୍ରଭୁଙ୍କ ଆତଙ୍କ ଭୟ ଉପସ୍ଥିତ ହେଲା, ଏଣୁ ସେମାନେ ଯିହୋଶାଫଟ୍‌ଙ୍କ ପ୍ରତିକୂଳରେ ଯୁଦ୍ଧ କଲେ ନାହିଁ ...।''**



***ସକଳ ରାଜ୍ୟରେ ସଦାପ୍ରଭୁଙ୍କ ଆତଙ୍କ ଭୟ ଉପସ୍ଥିତ ହେଲା ।***

ଆମେ କି ପ୍ରକାର ପରଂପରା ଆମ ସନ୍ତାନମାନଙ୍କ ପାଇଁ ଓ ଆଗାମୀ ପୀଢ଼ୀଗୁଡ଼ିକ ପାଇଁ ଛାଡ଼ିଯିବା ?

ଏପରିକି ଈଶ୍ୱରଙ୍କ ଦାସମାନେ ମଧ୍ୟ ଏହି ବିପଦରୁ ମୁକ୍ତ ନୁହଁନ୍ତି । ମୋଶା, ଏଲୀ, ଶାମୁୟେଲ ଓ ଦାଉଦ – ପ୍ରତ୍ୟେକ ଜଣ ପ୍ରଭୁଙ୍କର ଶ୍ରେଷ୍ଠ ଦାସ ଥିଲେ, ମାତ୍ର ପିତା ଭାବରେ ସେମାନଙ୍କର ଭୂମିକାରେ ସଂଘର୍ଷ କରିଥିଲେ । ଆମେ ହୁଏତ ଆତ୍ମିକ ପରଂପରା ନିର୍ମାଣ କରିବାରେ ସେହିପରି ଉଦ୍‌ଯୋଗୀ ହୋଇପାରିବା ଯେପରି ମୋଶା ଯିହୋଶୂୟଙ୍କ ସହିତ କିମ୍ବା ଏଲୀୟ ଇଲୀଶାୟଙ୍କ ସହିତ ମିଶି କରିଥିଲେ, ମାତ୍ର ଆମେ ଆମର ନିଜସ୍ୱ ପିଲାମାନଙ୍କୁ ପ୍ରଭୁଙ୍କ ଭୟ ଓ ଜ୍ଞାନରେ ପ୍ରତିପାଳନ କରିବା ପ୍ରତି ସମାନ ଭାବରେ ସମର୍ପିତ ଅଟୁ କି ?

ଅପବ୍ୟୟୀ ପୁତ୍ରର କାହାଣୀକୁ ବିଚାର କରନ୍ତୁ : ତା'ର ବିଦ୍ରୋହ ଓ ଅପବ୍ୟୟ ସତ୍ତ୍ୱେ, ପିତାଙ୍କର ବ୍ୟାକୁଳ ପ୍ରେମ ଆଦୌ ବିଚଳିତ ହୋଇ ନ ଥିଲା । ସ୍ୱର୍ଗସ୍ଥ ପିତାଙ୍କର ଏହି ଚିତ୍ର ଆମକୁ ଏହା ସ୍ମରଣ କରାଇ ଦିଏ ଯେ ଈଶ୍ୱର ଆମକୁ ପ୍ରେମୀ, ଧୈର୍ଯ୍ୟଶୀଳ ପିତା ହେବା ପାଇଁ ଓ ଏକ ସ୍ଥାୟୀ ବିଶ୍ୱାସରେ ପରିପୂର୍ଣ୍ଣ ଐତିହ୍ୟ ଛାଡ଼ିଯିବା ପାଇଁ ଆହ୍ୱାନ କରିଛନ୍ତି । ପ୍ରଭୁ ଆମକୁ ତାଙ୍କ ଅନୁଗ୍ରହ ଓ ତାଙ୍କ ପ୍ରତି ଭକ୍ତିର ନମୁନା ହେବା ପାଇଁ ଶକ୍ତିଯୁକ୍ତ କରନ୍ତୁ ଯେପରି ଆମର ପିଲାମାନେ ଓ ସେମାନଙ୍କ ପିଲାମାନେ ତାଙ୍କ ମାର୍ଗରେ ଚାଲିପାରିବେ ।

***********

**ଖ୍ରୀଷ୍ଟିଆନ କାର୍ଯ୍ୟାଳୟ ପାଇଁ ଜରୁରୀ ଆବଶ୍ୟକ**

**୧. କମ୍ପ୍ୟୁଟର ଅପରେଟରମାନେ**

**୨. ପ୍ରିଣ୍ଟିଂ ଅପରେଟରମାନେ**

ଯୋଗାଯୋଗ : (+91) 98412 71858, E.mail : sam@echoofhiscall.org

**ବିଜ୍ଞାପନ**

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୭୧୮୫୮),
(୯୧-୯୮୪୧୨୭୧୮୫୮)
(ମୁଖ୍ୟ ନମ୍ବର) – ସଂରକ୍ଷିତ ରଖନ୍ତୁ ।

ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ''ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### 1. Bank : State Bank of India

Branch : Triplicane, Chennai-5
Name : S. Sam Selva Raj
A/C No. : 1023 2934 679
IFSC : SBIN 00 00 249
SWIFT CODE : SBI NIN BB 455

### 2. Bank : ICICI Bank

Branch : Anna Salai, Chennai-6
Name : Echo of His Call
A/C No. : 6038 0502 2319
IFSC : ICIC 000 6038

### 3. Bank : State Bank of India

(This Account is for Tax Exemption for Indians only )

Branch : Triplicane, Chennai-5
Name : Echo of His Call Educational Trust
A/C No. : 1023 2923 805
IFSC : SBIN 00 00 249

Google Pay: 98410 71858
PayPal : SAM SELVA RAJ
*****
E.mail : sam@echoofhiscall.org

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

Regd. with the RNI No. 70105/98
Licenced to post without pre-payment
Postal Regn. No. TN/CH (C) /198/24-26
Licence No. WPP. No. TN/PMG(CCR)/WPP-265/24-26
Date of Publication: Third week of every month
Date of Posting : 17th & 18th of every month
Posted at "Egmore RMS Patrika Channel"
on 18th JUNE 2025.
If un-delivered please return to:
**ECHO OF HIS CALL (ODIA)**
P.O. Box No. 2957, Chepauk, Chennai - 600 005, INDIA.
Phone: (+ 91- 44) 2852 8282, 2852 9293, 2854 7766

*JESUS LOVES YOU!*

To

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**